ଆରବିଆଇ/ ୨୦୦୬-୨୦୦୭/ ୨୪୧
ଆରପିସିଡି.ସିଓ.ଆର୍‌ଏଫ.ବିସି ନଂ. ୪୩/ ୦୭.୩୮.୦୩/ ୨୦୦୬-୦୭

ଜାନୁଆରୀ ୩୧, ୨୦୦୭

**ସମସ୍ତ ରାଜ୍ୟ ସମବାୟ ବ୍ୟାଙ୍କ/**
**ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ**

ପ୍ରିୟ ମହାଶୟ,

**ସ୍ୱଚ୍ଛ ନୋଟ ନୀତି-ନୋଟ ବିଡ଼ାର ତାର ଦ୍ୱାରା ସିଲେଇ**

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ସତ୍ତ୍ୱେ ବ୍ୟାଙ୍କ ମାନେ ଏବେ ମଧ୍ୟ ନୋଟ୍ ବିଡ଼ାକୁ ତାରଦ୍ୱାରା ସିଲେଇ କରିବା ଅଭ୍ୟାସ ଚାଲୁ ରଖିଥିବା ଦେଖାଯାଉଛି। ଏହାଦ୍ୱାରା ନୋଟ୍ ଗୁଡିକର କ୍ଷତି ହେବା ସଂଗେ ସଂଗେ ଏହାର ଆୟୁ ହ୍ରାସ ଘଟିଥାଏ ଏବଂ ଗ୍ରାହକ ମାନେ ଏହି ନୋଟ୍ ବିଡ଼ାକୁ ସହଜରେ ଖୋଲିନପାରି ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

୨. ଏହା ମଧ୍ୟ ଦେଖାଯାଉଛି ଯେ ନୋଟଗୁଡିକୁ 'ପରିଷ୍କାର' ଓ 'ଅପରିଷ୍କାର' ଭାବରେ ଜାରୀ ଯୋଗ୍ୟ ଏବଂ ଜାରୀ ଅଯୋଗ୍ୟ ରୂପେ ପୃଥକ କରୁନାହାନ୍ତି ଏବଂ ମଇଳା ନୋଟ୍ ଗୁଡିକୁ ପୁନର୍ବାର ଜନସାଧାରଣଙ୍କୁ ଜାରି କରିଦେଉଛନ୍ତି। ଏହାଛଡ଼ା ଖୋଲା ପ୍ୟାକେଟରେ ନୋଟର ସଂଖ୍ୟା ଜଳଛବି ଅଂଶରେ ଲେଖିବା ଅଭ୍ୟାସ ଚାଲୁ ରଖିବା ଦ୍ୱାରା ନୋଟର ଏହି ଅଂଶ ବିକୃତ ହେବା ସମେତ ଚିହ୍ନଟରେ ଅସୁବିଧା ସୃଷ୍ଟି ହୁଏ ।

୩. ତେଣୁ ନିମ୍ନ ନିଷ୍ପତ୍ତି ନିଆଯାଇଛି ଏବଂ ଏହା ତତକାଳ ଲାଗୁ ହେବ ।

a) ବ୍ୟାଙ୍କମାନେ ନୋଟ୍ ବିଡ଼ାକୁ ତାର ସିଲେଇ କରିବା ବନ୍ଦ କରିବେ ଏବଂ ଏହା ବଦଳରେ କାଗଜ ଫିତା ବ୍ୟବହାର କରିବେ।
b) ବ୍ୟାଙ୍କମାନେ ନୋଟଗୁଡ଼ିକୁ ଜାରୀ ଯୋଗ୍ୟ ଓ ଜାରୀ ଅଯୋଗ୍ୟ ଏହିଭଳି ଦୁଇ ଭାଗରେ ପୃଥକ କରିବେ ଏବଂ କେବଳ ସଫା ନୋଟଗୁଡ଼ିକୁ ଜନସାଧାରଣଙ୍କୁ ଜାରୀ କରିବେ । ମଇଳା ନୋଟ ଗୁଡ଼ିକୁ ତାର ସିଲେଇ ନକରି କରେନ୍ସି ଚେଷ୍ଟ ମାଧ୍ୟମରେ ରିଜର୍ଭ ବ୍ୟାଙ୍କକୁ ପ୍ରେରଣ କରିବେ
c) ବ୍ୟାଙ୍କମାନେ ଏଣିକି ନୋଟ୍ ଗୁଡିକର 'ଜଳଛବି' ଅଂଶରେ କୌଣସି ଲେଖା ଲେଖି କରିବେ ନାହିଁ।

୪. ସେହି ଅନୁଯାୟୀ, ଆମର ନିର୍ଦ୍ଦେଶନାମା ଆରପିସିଡ଼ି ସିଓ.ଆର୍‌ଏଫ.ଡିଆଇଆର. ନଂ ୪୪/ ୦୭.୩୮.୦୩/ ୨୦୦୬-୦୭ ଜାନୁଆରୀ ୩୧, ୨୦୦୭କୁ ଏଥିସହ ସଂଲଗ୍ନ କରାଯାଉଛି।

୫. ଦୟାକରି ପ୍ରାପ୍ତି ସ୍ୱୀକାର ପତ୍ର ଆମ୍ଭର ସଂପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟ ନିକଟକୁ ପ୍ରେରଣ କରିବେ।

ଆପଣଙ୍କ ବିଶ୍ୱସ୍ତ

**(ସି.ଏସ.ମୂର୍ତ୍ତୀ)**

**ଭାରପ୍ରାପ୍ତ ମୁଖ୍ୟ ମହା ପ୍ରବନ୍ଧକ**

ଆରପିସିଡି. ସିଓ.ଆର୍‌ଏଫ. ଡିଆଇଆର୍. ନଂ. ୪୪/୦୭.୩୮.୦୩/୨୦୦୬-୦୭

ଜାନୁଆରୀ ୩୧, ୨୦୦୭

**ସ୍ୱଚ୍ଛ ନୋଟ ନୀତି-ନୋଟ ବିଡ଼ାର ତାର- ସିଲେଇ**

ବ୍ୟାଙ୍କିଙ୍ଗ୍ ନିୟନ୍ତ୍ରଣ ଅଧିନିୟମ, ୧୯୪୯ ର ଧାରା ୩୫(କ) ଏବଂ ଧାରା ୫୮ ଅନୁଯାୟୀ ପ୍ରଦତ୍ତ ଅଧିକାର ବଳରେ ଭାରତୀୟ ରିଜର୍ଭ ବ୍ୟାଙ୍କ ନିଶ୍ଚିତ ହୋଇଛନ୍ତି ଯେ ଜନହିତ ଦୃଷ୍ଟିରୁ ତତ୍କାଳ କାର୍ଯ୍ୟକ୍ଷମ ହେବା ପାଇଁ ନିମ୍ନୋକ୍ତ ଘୋଷଣା ଆବଶ୍ୟକ ଏବଂ ଅତ୍ୟନ୍ତ ଜରୁରୀ ।

i. ବ୍ୟାଙ୍କମାନେ ନୂତନ/ପରିଷ୍କାର/ମଇଳା ନୋଟ୍ ବିଡା ଗୁଡ଼ିକୁ ତାରଦ୍ୱାରା ସିଲେଇ କରିବାରୁ ନିଶ୍ଚିତରୂପେ ନିବୃତ୍ତ ହେବେ ଏବଂ ତା ପରିବର୍ତ୍ତେ କାଗଜ ଫିତା ବ୍ୟବହାର କରିବେ।

ii. ବ୍ୟାଙ୍କମାନେ ନୋଟ୍ ଗୁଡିକୁ ପରିଷ୍କାର/ ମଇଳା - ଏହି ଦୁଇଶ୍ରେଣୀରେ ବିଭକ୍ତ କରି ଜନସାଧାରଣଙ୍କୁ କେବଳ ପରିଷ୍କାର ନୋଟ ଜାରି କରିବେ ମଇଳା ନୋଟ ଗୁଡ଼ିକୁ କରେନ୍‌ସି ଚେଷ୍ଟ ମାଧ୍ୟମରେ ରିଜର୍ଭ ବ୍ୟାଙ୍କ ପ୍ରେରଣ କରିବେ।

iii. ନୋଟର ଜଳଛବି ଉପରେ କୌଣସି ପ୍ରକାରର ଲେଖାଲେଖିରୁ ବ୍ୟାଙ୍କମାନେ ବର୍ତ୍ତମାନ ଠାରୁ ନିବୃତ୍ତ ରହିବେ।

**(ଭି.ଏସ୍ ଦାସ)**
**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ**